ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 957/30-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୩୦ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀକୁ ସମ୍ବୋଧିତ କରି ୨୦୨୦ରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି ବୋଲି ପ୍ରକାଶ କରିଛନ୍ତି । କରୁଣା ଓ ସହାନୁଭୂତିର ସହିତ କରୋନା ମହାମାରୀ ପରିସ୍ଥିତିରେ ଓଡ଼ିଶା ପୋଲିସର ସାମଗ୍ରିକ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଆତ୍ମାମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଏବଂ ସେମାନଙ୍କ ପରିବାରଙ୍କୁ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଥାନାକୁ ଆସୁଥିବା ଲୋକମାନଙ୍କୁ ମର୍ଯ୍ୟାଦାର ସହିତ ବ୍ୟବହାର କରାଯିବା 'ମୋ ସରକାର'ର ଲକ୍ଷ୍ୟ ବୋଲି ଦର୍ଶାଇ ଏହି ଅଭିଯାନରେ ମିଳିଥିବା ଅନୁକୂଳ ମତମାତଗୁଡ଼ିକ ଉପରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁଣି କହିଛନ୍ତି ଯେ ୫-'ଟି' ଅଧୀନରେ ଓଡ଼ିଶା ପୋଲିସ ପକ୍ଷରୁ ଅନେକ ସାଧୁ ଉଦ୍ୟମ ହୋଇଥିବାବେଳେ ଏହାକୁ ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସାରା ରାଜ୍ୟରେ ଏସ୍‌ଟିଏଫ୍ ସହଯୋଗରେ ଓଡ଼ିଶା ପୋଲିସ ନିଶାଦ୍ରବ୍ୟ ବିରୁଦ୍ଧରେ ଫଳପ୍ରଦ ଅଭିଯାନ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ସେ ଅପରାଧ ଓ ରାହାଜାନି ବିରୁଦ୍ଧରେ ସ୍ୱତନ୍ତ୍ର ଅଭିଯାନ ଉପରେ ଅଧିକ ଦୃଷ୍ଟି କେନ୍ଦ୍ରିତ କରିବାକୁ ଗୁରୁତ୍ୱ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧଗୁଡ଼ିକୁ ମୁକାବିଲା କରିବା ଦିଗରେ ଓଡ଼ିଶା ପୋଲିସର ଏକ ସ୍ୱତନ୍ତ୍ର ଶାଖା ସୃଷ୍ଟି କରିବାକୁ ଘୋଷଣା କରିଛନ୍ତି । ଏହାକୁ ଏକ ପ୍ରମୁଖ ଆଭିମୁଖ୍ୟ ଭାବେ ବର୍ଣ୍ଣନା କରି ମହିଳା ଓ ଶିଶୁମାନଙ୍କ ପ୍ରତି ଗୁଣାତ୍ମକ ସେବା ଯୋଗାଇ ଦିଆଯିବ ବୋଲି ଆଶା ପ୍ରକଟ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷାକୁ ଅନ୍ୟ ଏକ ପ୍ରମୁଖ ଆଭିମୁଖ୍ୟ ଭାବେ ବର୍ଣ୍ଣନା କରି ସଡ଼କ ଦୁର୍ଘଟଣାଜନିତ ମୃତାହତ ସଂଖ୍ୟା କମାଇବା ଦିଗରେ ଓଡ଼ିଶା ପୋଲିସ ପରିବହନ ଓ ପୂର୍ତ୍ତ ବିଭାଗ ପରି ସହଯୋଗୀ ବିଭାଗଗୁଡ଼ିକ ସହିତ ସମନ୍ୱୟ ରକ୍ଷାପୂର୍ବକ ଜନସଚେତନତା ଅଭିଯାନ ସାଙ୍ଗକୁ ପ୍ରତିରୋଧମୂଳକ ବ୍ୟବସ୍ଥା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟରେ ପୋଲିସ ସେବାକୁ ସୁଦୃଢ଼ କରିବା ନିମନ୍ତେ ଆଜିଠାରୁ ୬ଟି ନୂଆ ଥାନା ମଂଜୁରୀ ପାଇଥିବା କହିଛନ୍ତି । ସେ ଅନ୍ୟ ଅନାବଶ୍ୟକ ପଦବୀଗୁଡ଼ିକୁ ସମର୍ପଣ କରି ବିଭିନ୍ନ ସ୍ତରର ୯୦୫ଟି ପଦବୀକୁ ମଂଜୁରୀ ପ୍ରଦାନ କରାଯାଇଛି ବୋଲି ଉଲ୍ଲେଖ କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି । ସ୍ୱତନ୍ତ୍ର ସଂଗୀତ ସଂଯୋଜନା ଶୈଳୀ ମାଧ୍ୟମରେ ଚିଲିକା ତୀରେ, ଅଗ୍ନିପରୀକ୍ଷା ଓ ମେଘମୁକ୍ତି ଚଳଚ୍ଚିତ୍ରରେ ସେ ଛାଡ଼ି ଯାଇଥିବା ଛାପ ସର୍ବଦା ସ୍ମରଣୀୟ ରହିବ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ୟୁନିସେଫ୍, ଇଣ୍ଡିଆ ସହଯୋଗରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ରାଜ୍ୟର ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ୧୭ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷା ଏବଂ ଆଜୀବିକା ନିର୍ଣ୍ଣୟରେ ସହାୟତା ପାଇଁ ଏକ କ୍ୟାରିଅର୍ ଗାଇଡାନ୍ସ ପୋର୍ଟାଲ ଲୋକାର୍ପିତ କରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ।

➢ ଜାନୁଆରୀ ୨୦୨୧ରେ ଭୁବନେଶ୍ୱର ଓ କଟକରେ ଥିବା ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏବଂ ଏହା ଅଧୀନସ୍ଥ କାର୍ଯ୍ୟାଳୟଗୁଡ଼ିକ କର୍ମଚାରୀ କ୍ଷମତାର ୭୫ ପ୍ରତିଶତ ( ଗ୍ରୁପ୍-ଏ ଅଧିକାରୀଙ୍କ ସମେତ)କୁ ନେଇ କାର୍ଯ୍ୟ କରିବ ଏବଂ ଏହା ସୁନିଶ୍ଚିତ କରାଯିବ ଯେ କାର୍ଯ୍ୟାଳୟର କାର୍ଯ୍ୟରେ ବ୍ୟାଘାତ ହେବ ନାହିଁ । ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଶନିବାର ଦିନ ବନ୍ଦ ରହିବ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ମର୍ମରେ ଆଦେଶନାମା ଜାରି କରାଯାଇଛି(ସଂଲଗ୍ନ) ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୯,୧୫,୪୩୮ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୯,୩୦୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୪,୭୭୫ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୭୧ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨,୬୦୭ ରହିଛି ।
- ୨,୬୦୭ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**